# NATIONAL NEWS BULLETIN (ODIA)

**23 April - 2024**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ନିମନ୍ତେ ପ୍ରଚାରକାର୍ଯ୍ୟ ଶେଷହେବାକୁ ଦୁଇଦିନ ବାକି, ପ୍ରଚାର କାର୍ଯ୍ୟ ଜୋର୍‌ଦାର ।

- ୧୨ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ଅଭିଭାବକଙ୍କ ସହ ସିଟ୍ ଆବଣ୍ଟନ କରିବାକୁ ଡିଜିସିଏର ନିର୍ଦ୍ଦେଶ ।

- ପ୍ରସିଦ୍ଧ ବାଂଲାଦେଶୀ କଣ୍ଠଶିଳ୍ପୀ ରେଜୱାନା ଚୌଧୁରୀ ବାନ୍ୟାଙ୍କୁ ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ ।

- ଉଚ୍ଚଶିକ୍ଷା କ୍ଷେତ୍ରରେ ବିଶ୍ୱ ମାନ୍ୟତାରେ ଭାରତର ପ୍ରଦର୍ଶନକୁ ଉତ୍ସାହଜନକ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ ।

ଏବଂ

- ଆସନ୍ତା ୪ ଦିନ ପର୍ଯ୍ୟନ୍ତ ପୂର୍ବ ଭାରତରେ ଗ୍ରୀଷ୍ମ ପ୍ରବାହ ଜାରି ରହିବା ନେଇ ପାଣିପାଗ ବିଭାଗର ପୂର୍ବାନୁମାନ ।

# ସେକେଣ୍ଡ ଫେଜ୍ ଇଲେକ୍ସନ

ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପ୍ରଚାର ଶେଷ ହେବାକୁ ଆଉ ମାତ୍ର ଦୁଇ ଦିନ ବାକି ଥିବା ବେଳେ ରାଜନୈତିକ ଦଳର ଶୀର୍ଷ ନେତାମାନେ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ରାଲି ଓ ରୋଡ୍ ଶୋ' କରି ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ସବୁ ପ୍ରକାର ପ୍ରୟାସ ଚଳାଇଛନ୍ତି।

ପ୍ରଧାନମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ ବିରୋଧୀ ମେଣ୍ଟକୁ ସମାଲୋଚନା କରି କହିଛନ୍ତି ଯେ ସେମାନେ ପରିବାରବାଦରେ ସମ୍ପୃକ୍ତ ଅଛନ୍ତି ଏବଂ ତୁଷ୍ଟୀକରଣର ରାଜନୀତି କରୁଛନ୍ତି। ଗତକାଲି ଉତ୍ତରପ୍ରଦେଶର ଆଲିଗଡ଼ରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ଦେଶରେ ଦାରିଦ୍ର୍ୟ ଦୂରୀକରଣ ଏବଂ ଦୁର୍ନୀତି ଓ ପରିବାରବାଦକୁ ମୂଳପୋଛ କରିବାର ସମୟ ଆସିଛି। କଂଗ୍ରେସ ଓ ସମାଜବାଦୀ ପାର୍ଟି ଭଳି ଦଳ ସବୁବେଳେ ତୁଷ୍ଟୀକରଣ ରାଜନୀତି କରିଛନ୍ତି ଏବଂ ଦେଶର ସଂଖ୍ୟାଲଘୁଙ୍କ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ କିଛି କରିନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ବିଏସପି ସୁପ୍ରିମୋ ମାୟାବତୀ ଗତକାଲି ବୁଲନ୍ଦସହର ଜିଲ୍ଲାରେ ଏକ ରାଜନୈତିକ ରାଲିରେ ବିଜେପିକୁ ଟାର୍ଗେଟ କରିଥିଲେ। ସେ ଅଭିଯୋଗ କରିଛନ୍ତି ଯେ ବିଜେପି ଏପରି ଏକ ଦଳ ଯିଏ କେବଳ ଲିପ୍ ସର୍ଭିସ୍ କରେ, 'ଜୁମଲାବାଜି'ରେ ବିଶ୍ୱାସ କରେ ଏବଂ ବାସ୍ତବରେ

କୌଣସି କାମ କରେ ନାହିଁ। ଉତ୍ତରପ୍ରଦେଶ କଂଗ୍ରେସ ପ୍ରଭାରୀ ଅବିନାଶ ପାଣ୍ଡେଙ୍କ ସହ ଦଳର ଅନ୍ୟ କର୍ମକର୍ତ୍ତାମାନେ ମଥୁରା ଓ ଫତେପୁର ସିକ୍ରି ଅଞ୍ଚଳରେ ଦଳୀୟ କର୍ମୀଙ୍କ ସହ ବୈଠକ କରିବା ସହ ଘର ଘର ବୁଲି ପ୍ରଚାର କରିଥିଲେ।

## ଇଲେକ୍ସନ-ଫୋର୍ଥ ଫେଜ୍

ଚଳିତ ମାସ ୨୫ ତାରିଖରେ ଚତୁର୍ଥ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ଶେଷ ହେବ। ପରଦିନ ନାମାଙ୍କନ ପତ୍ର ଯାଞ୍ଚ କରାଯିବ ଏବଂ ଚଳିତ ମାସ ୨୯ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାକୁ ଅନୁମତି ଦିଆଯିବ। ଏହି ପର୍ଯ୍ୟାୟରେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଏବଂ ଜମ୍ମୁ-କଶ୍ମୀର ସମେତ ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୯୬ଟି ଲୋକସଭା ଆସନ ପାଇଁ ମତଦାନ ହେବ।

## ଡିଜିସିଏ

ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ, ବିମାନସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ୧୨ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ସେମାନଙ୍କ

ପିତାମାତା ଏବଂ ଅଭିଭାବକଙ୍କ ସହିତ ସିଟ୍ ଆବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଛି ।

ମହାନିର୍ଦ୍ଦେଶାଳୟର ସୂଚନା ଅନୁଯାୟୀ, ୧୨ ବର୍ଷରୁ କମ୍ ବୟସର ପିଲାମାନେ ସେମାନଙ୍କ ପିତାମାତା ଏବଂ ଅଭିଭାବକଙ୍କ ସହ ଏକତ୍ର ଯାତ୍ରା କରିପାରୁନଥିବା ନେଇ ଅନେକ ଉଦାହରଣ ସାମ୍ନାକୁ ଆସିଛି। ଏଥିରେ କୁହାଯାଇଛି ଯେ, ବର୍ତ୍ତମାନର ବିମାନ ପରିବହନ ସର୍କୁଲାରରେ ଉପଯୁକ୍ତ ପରିବର୍ତ୍ତନ କରାଯାଇଛି।

## ପଦ୍ମ ଆୱାର୍ଡ-ରେଜୱାନା

ପ୍ରସିଦ୍ଧ ବାଂଲାଦେଶୀ କଣ୍ଠଶିଳ୍ପୀ ରେଜୱାନା ଚୌଧୁରୀ ବାନ୍ୟାଙ୍କୁ ଗତକାଲି ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଆୟୋଜିତ ନାଗରିକ ପ୍ରତିଷ୍ଠା ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୦୨୪ ବର୍ଷ ପାଇଁ ପଦ୍ମବିଭୂଷଣ, ପଦ୍ମଭୂଷଣ ଏବଂ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଥିଲେ।

କଳା କ୍ଷେତ୍ରରେ ଅବଦାନ ପାଇଁ ରେଜୱାନାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ବାଂଲାଦେଶର ଜଣେ ଦକ୍ଷ ବୃତ୍ତିଗତ ଗାୟିକା ରେଜୱାନା ରବୀନ୍ଦ୍ର ସଙ୍ଗୀତର ଜଣେ ଉତ୍ସର୍ଗୀକୃତ ଅଧ୍ୟାପକ । ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ସେ 'ବୈଷ୍ଣବ ଜନ ତୋ' ଗାଇଥିଲେ।

ସେ ବର୍ତ୍ତମାନ ଢାକା ବିଶ୍ୱବିଦ୍ୟାଳୟର ନୃତ୍ୟ ବିଭାଗର ପ୍ରଫେସର ଏବଂ ପ୍ରତିଷ୍ଠାତା ଅଧ୍ୟକ୍ଷ ଅଛନ୍ତି । ରବୀନ୍ଦ୍ର ସଙ୍ଗୀତକୁ କେନ୍ଦ୍ର କରି ସେ ଢାକାର ଏକ ପ୍ରତିଷ୍ଠିତ ସଙ୍ଗୀତ ବିଦ୍ୟାଳୟ 'ଶୁରେର ଧରା' ଚଳାଉଛନ୍ତି। ସେ ରବୀନ୍ଦ୍ର ସଙ୍ଗୀତ ଉପରେ ପୁସ୍ତକ ମଧ୍ୟ ଲେଖିଛନ୍ତି । ସେ ବିଶ୍ୱ ଭାରତୀ, ଶାନ୍ତିନିକେତନର ପୂର୍ବତନ ଛାତ୍ର ।

## ପିଏମ୍-କ୍ୟୁଏସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଚ୍ଚଶିକ୍ଷା କ୍ଷେତ୍ରରେ ସଦ୍ୟତମ କ୍ୱାକ୍କାରେଲି ସାଇମଣ୍ଡସ୍ (କ୍ୟୁଏସ୍) ବିଶ୍ୱ ମାନ୍ୟତାରେ ଭାରତର ପ୍ରଦର୍ଶନକୁ ଉତ୍ସାହଜନକ ବୋଲି କହିଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଯେ ଭବିଷ୍ୟତରେ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେବା ଦ୍ୱାରା ଭାରତର ଯୁବ ଶକ୍ତି ଉପକୃତ ହୋଇପାରିବ । ଗବେଷଣା, ଶିକ୍ଷଣ ଓ ଉଦ୍ଭାବନ ଉପରେ ସରକାର ବ୍ୟାପକ ଧ୍ୟାନ ଦେଉଛନ୍ତି ବୋଲି ସେ କହିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦୀ କ୍ୟୁଏସ୍‌ର ସିଇଓ ନୁନଜିଓ କ୍ୱାକ୍ୱାରେଲିଙ୍କ ସହ ମଧ୍ୟ ସାକ୍ଷାତ କରିଥିଲେ। ଆସନ୍ତା କିଛି ସପ୍ତାହ ମଧ୍ୟରେ କ୍ୟୁଏସ୍ ଭାରତୀୟ ଉଚ୍ଚଶିକ୍ଷା ବ୍ୟବସ୍ଥାଠାରୁ ଆରମ୍ଭ କରି ସଦ୍ୟତମ କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ୍‌ର ଫଳାଫଳ ପ୍ରଦାନ କରିବ ବୋଲି ସେ ଘୋଷଣା କରିଛନ୍ତି। ସେ କହିଛନ୍ତି ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ଚଳିତ ବର୍ଷ ସମସ୍ତ ଜି-୨୦

ରାଷ୍ଟ୍ର ମଧ୍ୟରେ ସର୍ବୋଚ୍ଚ ପ୍ରଦର୍ଶନ ଉନ୍ନତି ପ୍ରଦର୍ଶନ କରିଛନ୍ତି ଏବଂ ବିଶ୍ୱର ସବୁଠାରୁ ଦ୍ରୁତ ବିସ୍ତାରିତ ଗବେଷଣା କେନ୍ଦ୍ର ମଧ୍ୟରୁ ଅନ୍ୟତମ ହୋଇପାରିଛନ୍ତି ।

## ଜେକେ ଡିଜିଟାଲ ସିଗ୍ନେଚର

ଜାମ୍ମୁ କାଶ୍ମୀରର ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କ ପାଇଁ ଡିଜିଟାଲ ଦସ୍ତଖତ ପ୍ରମାଣପତ୍ର ବାଧ୍ୟତାମୂଳକ କରାଯାଇଛି । ସାଧାରଣ ଅଭିଯୋଗ ଓ ପେନ୍ସନ ବିଭାଗ ମନ୍ତ୍ରଣାଳୟ ପକ୍ଷରୁ ଏହି ବିଷୟରେ ସମୀକ୍ଷା କରାଯିବା ପରେ ଇ-ଅଫିସ ଅନ୍ତର୍ଗତ ଡିଜିଟାଲ ଦସ୍ତଖତ ପ୍ରମାଣପତ୍ରକୁ ବାଧ୍ୟତାମୂଳକ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ କାର୍ଯ୍ୟାଳୟର ଡିଲିଂ ଅଫିସର ଓ ଏହି ପାହ୍ୟାରୁ ଉପରିସ୍ଥ ଅଧିକାରୀଙ୍କ ଲାଗି ଏହି ବ୍ୟବସ୍ଥା ଲାଗୁ ହେବ । ଏଥିରେ ଆଧାର ସମ୍ବଳିତ ଇ-ହସ୍ତାକ୍ଷର ବ୍ୟବସ୍ଥା ରହିଛି । ଏହି ପଦକ୍ଷେପ ଗ୍ରହଣ କରିବାର ଉଦ୍ଦେଶ୍ୟ ହେଉଛି ସମ୍ପୂର୍ଣ୍ଣ ଡିଜିଟାଲ ଭାବରେ କାର୍ଯ୍ୟ କରିବା ସହ ବିଭିନ୍ନ କାର୍ଯ୍ୟ ଶୈଳୀକୁ ତ୍ୱରାନ୍ୱିତ କରିବା । ଚଳିତବର୍ଷ ଜୁନ୍ ୧ ଠାରୁ ଏହି ବ୍ୟବସ୍ଥା ଶତପ୍ରତିଶତ ଭାବେ ଲାଗୁ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି ।

# ପିଏମ୍-ହନୁମାନ ଜୟନ୍ତୀ

ହନୁମାନ ଜୟନ୍ତୀ ଅବସରରେ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦ, ଭଗବାନ ହନୁମାନଙ୍କୁ ମନେ ପକାଇ କହିଛନ୍ତି ଯେ ପବନପୁତ୍ରଙ୍କ ସମର୍ପଣ ସବୁବେଳେ ରାମଙ୍କ ସମସ୍ତ ଭକ୍ତଙ୍କ ପାଇଁ ପ୍ରେରଣା ହୋଇ ରହିବ । ମହାପ୍ରଭୁଙ୍କ ଆଶୀର୍ବାଦରେ ବିକଶିତ ଭାରତର ସଂକଳ୍ପକୁ ନୂଆ ଶକ୍ତି ମିଳିବ ବୋଲି ସେ କାମନା କରିଛନ୍ତି ।

# ୟୁରୋପ ଭିସା

ୟୁରୋପୀୟ ସଂଘ ପକ୍ଷରୁ ନୂତନ ଭିସା ନିୟମ ଜାରି କରାଯାଇଛି । ଏହା ଦ୍ୱାରା ଭାରତରୁ ବାରମ୍ବାର ଆସୁଥିବା ଯାତ୍ରୀମାନେ ଦୀର୍ଘ ବୈଧତା ସହିତ ଏକାଧିକ ପ୍ରବେଶ ଭିସା ପାଇଁ ଆବେଦନ କରିପାରିବେ ଏବଂ ୨୯ଟି ୟୁରୋପୀୟ ଦେଶକୁ ସହଜରେ ଯାତ୍ରା କରିପାରିବେ । ୟୁରୋପୀୟ ସଂଘର ପ୍ରତିନିଧି ଦଳ ଘୋଷଣା କରିଥିବା ଏହି ନିୟମ ଦ୍ୱାରା ନିୟମିତ ଭାରତୀୟ ଯାତ୍ରୀଙ୍କ ପାଇଁ ନୂଆ ବ୍ୟବସ୍ଥାରେ ଭିସା ପାଇବା ସହଜ ହେବ । ପ୍ରତିନିଧି ଦଳ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ, ଭାରତୀୟ ନାଗରିକମାନେ ଗତ ତିନି ବର୍ଷ ମଧ୍ୟରେ ଦୁଇଟି ଭିସା ହାସଲ କରିବା ପରେ ଏବଂ ଆଇନଗତ ଭାବେ ବ୍ୟବହାର କରିବା ପରେ ବର୍ତ୍ତମାନ ସେମାନଙ୍କୁ ଦୁଇ ବର୍ଷ ପାଇଁ ବୈଧ ଦୀର୍ଘମିଆଦୀ ଭିସା ପ୍ରଦାନ

କରାଯାଇପାରିବ। ପାସପୋର୍ଟର ଯଥେଷ୍ଟ ବୈଧତା ରହିଲେ ସାଧାରଣତଃ ଦୁଇ ବର୍ଷର ଭିସା ପରେ ୫ ବର୍ଷର ଭିସା ଦିଆଯିବ। ଏହି ଭିସାର ବୈଧତା ଅବଧି ମଧ୍ୟରେ ନାଗରିକମାନେ ଭିସା ମୁକ୍ତ ନାଗରିକଙ୍କ ଭଳି ଯାତ୍ରା ଅଧିକାର ଉପଭୋଗ କରିବେ।

ଭାରତରେ ଅବସ୍ଥାପିତ ୟୁରୋପୀୟ ସଂଘର ରାଷ୍ଟ୍ରଦୂତ ହର୍ଭେ ଡେଲଫିନ୍ ଏହି ନୂତନ ନିୟମକୁ ପ୍ରଶଂସା କରି କହିଛନ୍ତି ଯେ ଭାରତ ସହ ଲୋକଙ୍କ ମଧ୍ୟରେ ଯୋଗାଯୋଗ ବୃଦ୍ଧି ଦିଗରେ ୟୁରୋପୀୟ ସଂଘ ଆଉ ଏକ ପଦକ୍ଷେପ ନେଇଛି। ଭାରତୀୟମାନଙ୍କ ପାଇଁ ଏହି ନୂତନ ଅନୁକୂଳ ଭିସା ବ୍ୟବସ୍ଥା ଭାରତ-ଇୟୁ କମନ୍ ଏଜେଣ୍ଡା ଅନ ମାଇଗ୍ରେସନ୍ ଆଣ୍ଡ ମୋବିଲିଟିର ଏକ ଅଂଶ ଭାବରେ ଆସିଛି, ଯାହା କି ୨୦୧୬ ମାର୍ଚ୍ଚ ୨୯ରେ ଦୁଇ ଅଂଶୀଦାରଙ୍କ ମଧ୍ୟରେ ପ୍ରଥମ ସ୍ୱାକ୍ଷରିତ ହୋଇଥିଲା ।

## ଗୋଆ – ଓସିଆଇ

ପର୍ତ୍ତୁଗିଜ ନାଗରିକତା ହାସଲ କରିବା ପରେ ଭାରତୀୟ ପାସପୋର୍ଟ ରଦ୍ଦ ହୋଇଥିବା ଗୋଆ ଓ ଦାମନ ଆଣ୍ଡ୍ ଦିଉର ବ୍ୟକ୍ତିବିଶେଷଙ୍କୁ ପାସ୍‌ପୋର୍ଟ ପ୍ରତ୍ୟାହାର ଆଦେଶ ଜାରି କରିବାକୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପାସପୋର୍ଟ ଅଫିସକୁ ନିର୍ଦ୍ଦେଶ ଦେଇଛି।

ପର୍ତ୍ତୁଗିଜ ଜାତୀୟତା ଆଇନ ଅନୁଯାୟୀ ପର୍ତ୍ତୁଗିଜ ନାଗରିକତା ହାସଲ କରିଥିବା ଏବଂ ଆତ୍ମସମର୍ପଣ ପ୍ରମାଣପତ୍ର ପରିବର୍ତ୍ତେ ଆଞ୍ଚଳିକ ପାସପୋର୍ଟ ଅଫିସ ଦ୍ୱାରା 'ପ୍ରତ୍ୟାହାର ଆଦେଶ' ଜାରି କରାଯାଇଥିବା ଭାରତର ପୂର୍ବ ପର୍ତ୍ତୁଗିଜ ଅଞ୍ଚଳ ଗୋଆ, ଦାମନ ଏବଂ ଦିଉରୁ ଆସିଥିବା ଭାରତୀୟ ନାଗରିକଙ୍କ କ୍ଷେତ୍ରରେ ଆତ୍ମସମର୍ପଣ ପ୍ରମାଣପତ୍ର ବଦଳରେ

ଏକ ବିକଳ୍ପ ଦସ୍ତାବିଜ ଭାବରେ ଗ୍ରହଣ କରିବାକୁ ଗୃହ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି।

ପୂର୍ବ ପାସପୋର୍ଟ ଆବଶ୍ୟକତା କାରଣରୁ ଓଭରସିଜ୍ ସିଟିଜେନସିପ୍ ଅଫ୍ ଇଣ୍ଡିଆ ପାଇଁ ଆବେଦନ କରିବାକୁ ଅଯୋଗ୍ୟ ବିବେଚିତ ହୋଇଥିବା ଅନେକଙ୍କୁ ଏହି ନିଷ୍ପତ୍ତି ଆଶ୍ୱସ୍ତି ଦେଇପାରେ। ଗୋଆର ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ କହିଛନ୍ତି ଯେ ବିଦେଶୀ ନାଗରିକ କାର୍ଡ ପାଇବା ପାଇଁ ଆତ୍ମସମର୍ପଣ ପ୍ରମାଣପତ୍ର ବଦଳରେ ବୈଧ ଦସ୍ତାବିଜ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସର୍କୁଲାର ହଜାର ହଜାର ଗୋଆବାସୀଙ୍କ ପାଇଁ ଆଶ୍ୱସ୍ତି ହେବ। ଏକ ସୋସିଆଲ ମିଡିଆ ପୋଷ୍ଟରେ ସେ କହିଛନ୍ତି, ଗୋଆବାସୀଙ୍କ ପାଇଁ ଏହା ଏକ ଖୁସି ଖବର।

## ଏନ୍‌ବିଏସ୍‌ଇ ରେଜଲ୍ଟ

ନାଗାଲାଣ୍ଡ ବୋର୍ଡ ଅଫ୍ ସ୍କୁଲ ଏଜୁକେସନ, ଏନବିଏସ୍‌ଇ ଏପ୍ରିଲ ୨୬ ତାରିଖ ଅପରାହ୍ନରେ ଚଳିତବର୍ଷର ହାଇସ୍କୁଲ ଲିଭିଂ ସାର୍ଟିଫିକେଟ୍ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଲିଭିଂ ସାର୍ଟିଫିକେଟ୍ ପରୀକ୍ଷାର ଫଳାଫଳ ଘୋଷଣା କରିବ ।

ଗତକାଲି ଜାରି ବିଜ୍ଞପ୍ତିରେ ଏନବିଏସଇ କହିଛି ଯେ ଫଳାଫଳ ଉଭୟ ପ୍ରିଣ୍ଟ ଏବଂ ଡିଜିଟାଲ ମୋଡରେ ଉପଲବ୍ଧ ହେବ ।

nbsenl.edu.in, indiaresults.com, results.shiksha ଏବଂ jagranjosh.com. ୱେବ୍‌ସାଇଟ୍‌ରେ ଫଳାଫଳ ଉପଲବ୍ଧ ହେବ ।

ମୋବାଇଲ୍ ଆପ୍ ରେ ମଧ୍ୟ ଏହି ଫଳ ମିଳିପାରିବ । ସେହିପରି ବୋର୍ଡର ସମସ୍ତ ପଞ୍ଜୀକୃତ ଅନୁଷ୍ଠାନକୁ ମାର୍କସିଟ୍ ଓ ପାସ୍ ସାର୍ଟିଫିକେଟ୍ ସହ ଅସ୍ଥାୟୀ ରେଜଲ୍ଟ ଗେଜେଟ୍ ର ପ୍ରିଣ୍ଟେଡ୍ ଫର୍ମ ପ୍ରଦାନ କରାଯିବ ବୋଲି ଜଣାପଡିଛି ।

## ଆଇଏମ୍‌ଡି

ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ ଅନୁଯାୟୀ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ପୂର୍ବ ଭାରତରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ଏବଂ ବୁଧବାରଠାରୁ ଏହାର ପ୍ରକୋପ ବୃଦ୍ଧି ପାଇବ । ଗାଙ୍ଗେୟ ପଶ୍ଚିମବଙ୍ଗର କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିବା ସହ ଆଭ୍ୟନ୍ତରୀଣ କର୍ଣ୍ଣାଟକ, ଓଡ଼ିଶା, ପୂର୍ବ ଉତ୍ତରପ୍ରଦେଶ, ପଶ୍ଚିମ ଉତ୍ତରପ୍ରଦେଶ, ବିହାର ଏବଂ ଝାଡ଼ଖଣ୍ଡର କେତେକ ସ୍ଥାନରେ ମଧ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଆଇଏମଡି ପୂର୍ବାନୁମାନ କରିଛି । ଗତ କିଛିଦିନ ହେବ ଓଡ଼ିଶା, ରାୟଲସୀମା, ଗାଙ୍ଗେୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିଦର୍ଭ, ଛତିଶଗଡ଼, ଦକ୍ଷିଣ-ପଶ୍ଚିମ ମଧ୍ୟପ୍ରଦେଶ, ତେଲେଙ୍ଗାନା ଓ ଉପକୂଳ ଆନ୍ଧ୍ରପ୍ରଦେଶର ଅଧିକାଂଶ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୨ରୁ ୪୫ ଡିଗ୍ରି ମଧ୍ୟରେ ରହିଛି ।

ଅନ୍ୟପକ୍ଷରେ ଆସନ୍ତାକାଲି ପର୍ଯ୍ୟନ୍ତ ଉତ୍ତର-ପୂର୍ବ ଭାରତରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଅରୁଣାଚଳ

ପ୍ରଦେଶ, ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ ଓ ତ୍ରିପୁରାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ।